# Akashvani, Sambalpur

## SAMBALPURI NEWS BULLETIN

### 8 November 2025 – 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ-ବନ୍ଦେ ମାତରମ୍ I&PR

ବନ୍ଦେ ମାତରମ୍ ହେଉଛେ ଦେଶର୍ ପହେଲା ବୈପ୍ଲବିକ୍ ସ୍ଲୋଗାନ୍ । ଇଟା ଖାଲି ଗୁଟେ ଜାତୀୟତାବାଦ୍ ଭିତିକ ସଂଗୀତ୍ ନୁହେଁସେ, ମାଟି ମା'ର ବନ୍ଦନା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଷ୍ଟ୍ରୀୟ ଗୀତ୍ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପାଲନ୍ ଅବ୍‌ସରେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ୍ ଠାନେ ହେଇଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ଦେଶ୍ ପ୍ରେମ୍‌ର ଭାବ୍‌ନା ଖାଲି ଇତିହାସ୍ ପଢ୍‌ଲେ ନାଇଁ ହୁଏ, ତାହାକେ ଜୀବନ୍‌ଥି ଅନୁସରଣ୍ କର୍‌ବାର୍ ଦର୍‌କାର୍ ବଲି ଯୁଆନ୍ ପିଢ଼ିକୁ ଆହ୍ୱାନ୍ ଦେଇଛନ୍ । ଇ ଅବ୍‌ସରେ ରବୀନ୍ଦ୍ର ମଣ୍ଡପ୍ ଠାନେ ବନ୍ଦେ ମାତରମ୍ ଶହେ ୫୦ ବଛର୍ ପୂର୍ତି ଉତ୍ସବ୍ ଆଧାର୍‌ଥି ଗୁଟେ ଫଟୋଚିତ୍ର ପ୍ରଦର୍ଶନୀ ଭିଲ୍ ଆୟୋଜିତ୍ ହେଇଥିଲା ।

ରାଜ୍ୟପାଲ୍- ଗୁଜୁରାଟ୍ ଗସ୍ତ I&PR

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ୩ ଦିନିଆ ଗୁଜୁରାଟ୍ ଗସ୍ତ ଅବ୍‌ସରେ ଗଲାକାଏଲ୍ ଭାରତ୍‌ର ପହେଲା ବୈଶ୍ୱିକ୍ ଆର୍ଥିକ୍ ଆଉ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର - ଗିଫ୍ଟ ସିଟିକେ ପରିଦର୍ଶନ୍ କରିଛନ୍ । ଗିଫ୍ଟ ସିଟିର ବିଶ୍ୱସ୍ତରୀୟ ଭିତିଭୂମି ଆଉ ନବସୃଜନଶୀଳ ପରିବେଶ୍‌କେ ପ୍ରଶଂସା କର୍‌ବାର୍ ସହେତେ ଇଟା ଆର୍ଥିକ୍ ଆଉ ପ୍ରଯୁକ୍ତିବିଦ୍ୟାର୍ ବିକାଶ୍‌କେ ତହଁକଉଛେ ବଲି ରାଜ୍ୟପାଲ୍ କହିଛନ୍ । ତାର୍ ଉତ୍‌ରୁ ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍ପାଟି ଅହମଦାବାଦ୍ ନ ଥିବା ଐତିହାସିକ ସାବର୍‌ମତୀ ଆଶ୍ରମ୍ ନ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଆଏଜ୍ ଗୁଜୁରାଟ୍‌ର କେୱାଡ଼ିଆ ଠାନେ ହେବାର୍‌କେ ଥିବା ଭାରତ୍ ପର୍ବ ଉତ୍ସବ୍‌ଥି ରାଜ୍ୟପାଲ୍ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଫର୍ମପୂରଣ/ ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୬ ମସିହା ବାର୍ଷିକ୍ ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷା ଲାଗି ଫର୍ମପୂରଣ୍ ଆଏଜ୍‌ଠାନୁ ମୁଲ୍ ହେଇକରି ୨୨ ତାରିଖ୍‌ତକ୍ ଚାଲ୍‌ବା । ଇତାର୍‌ସହେତେ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆଉ ମଧ୍ୟମା ସାର୍ଟିଫିକେଟ୍ ପରୀକ୍ଷା ଲାଗି ଫର୍ମ ପୂରଣ୍ ୧୨ ତାରିଖ୍‌ନୁ କରାଯିବା । ମେଟ୍ରିକ୍ ପରୀକ୍ଷା ଲାଗି ୪ ଟା ବର୍ଗଥି ଅନ୍‌ଲାଇନ୍ ଜରିଏ ଫର୍ମ ପୂରଣ୍ କରାଯିବା ବଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ଯୁଗ୍ମ ଶ୍ରମ ଆୟୁକ୍ତ -ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ I&PR

ଯୁଗ୍ମ ଶ୍ରମ ଆୟୁକ୍ତ ଆଉ ପ୍ରଭାଗୀୟ ଶ୍ରମ ଆୟୁକ୍ତ ମାନ୍‌କର୍ ୨ ଦିନିଆ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଶ୍ରମ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ କର୍ମଚାରୀ କ୍ଷତିପୂରଣ୍ ଆଇନ୍ ୧୯୨୩, ଗ୍ରାଚ୍ୟୁଇଟି ଦେବାର୍ ଆଇନ୍ ୧୯୭୨ ଆଉ ସର୍ବନିମ୍ନ ମଜୁରୀ ଆଇନ୍ ୧୯୪୮ ଥି ମାମ୍‌ଲାମାନ୍‌କର୍ ଶୁଣାଣି ବାବଦ୍ ପ୍ରଶିକ୍ଷଣ୍ ଦିଆଯାଇଛେ । ଉଦ୍‌ଯାପନୀ ସଙ୍ଗେ ରାଜ୍ୟ ବୀମା ବିଭାଗ୍‌ର ସ୍ୱତନ୍ତ୍ର ସଚିବ ମଧୁମିତା ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌ନୁ ମିଲିଥିବା ଜ୍ଞାନ୍‌ର ସଦ୍‌ଉପଯୋଗ୍ କରିକରି ଶ୍ରମଜୀବୀ ଆଉ ତାକର୍ ପରିବାର୍ ଲୁକ୍‌କୁ ତୁର୍‌ତି ନ୍ୟାୟ ଦେବାର୍‌ଥି ଅଧିକାରୀମାନେ ସହାୟକ ହେବେ ବଲି କହିଥିଲେ ।

ଶ୍ରୀ ଶ୍ରୀ ରବିଶଙ୍କର-ଭୁବ୍‌ନେଶ୍ୱର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରସିଦ୍ଧ ଆଧ୍ୟାତ୍ମିକ୍ ଗୁରୁ ଆଉ ଆର୍ଟ ଅଫ୍ ଲିଭିଙ୍ଗ୍‌ର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ରବିଶଙ୍କର୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ସେଂଟର୍ ଠାନେ ବିକଶିତ୍ ଓଡ଼ିଶା ନ ଆଧ୍ୟାତ୍ମିକତା, ଶାସନ୍‌ଥି ନୀତି ବାବ୍‌ଦେ ଉଦ୍‌ବୋଧନ୍ ଦେଇଥିଲେ । ଇ ଅବ୍‌ସରେ ଗୁରୁ ରବିଶଙ୍କର୍ ଗୁଟେ ପ୍ରଗତିଶୀଲ୍, ଶାନ୍ତି, ସଦ୍‌ଭାବନା ଆଉ ଭାଇଚାରାର୍ ତାଲ୍‌ମେଲ୍‌ଥି ସମାଜ୍ ଗଢ଼୍‌ବାର୍‌ଥି ଆଧ୍ୟାତ୍ମିକତା ଆଉ ନୀତି ମୂଲ୍ୟର

ଆବଶ୍ୟକତା ବାବ୍‌ଦେ ଜୋର୍ ଦେଇଥିଲେ । ରାଜ୍ୟ ସର୍‌କାର୍‌ଙ୍କର୍ ବରିଷ୍ଠ ଅଧିକାରୀମାନେ ଇ କାର୍ଯକ୍ରମ୍‌ଥି ଯୋଗ୍ ଦେଇଥିଲେ ।

ବିଶ୍ୱ ରେଡ଼ିଓଲୋଜି ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ରେଡ଼ିଓଲୋଜି ଦିବସ୍ । ଏକ୍ସରେ ବିନା ଏଛେନ୍ ପୁର୍‌ଥି ନ ମେଡ଼ିକାଲ୍ ଚିକିତ୍ସା ଅସମ୍ଭବ । ଇତାର୍ ଗୁରୁତ୍ୱକେ ସୋର୍ କର୍‌ବାର୍ ଲାଗି ଫି ବଛର୍ ନଭେମ୍ବର୍ ୮ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ୧୯୮୫ ମସିହା ଥି ୱେର୍ଜବର୍ଗ ବିଶ୍ୱବିଦ୍ୟାଳୟର୍ ପ୍ରଫେସର୍ ୱିଲ୍‌ହେମ୍ କନ୍‌ରୋଡ଼୍ ରଂଟଜେନ୍‌ଙ୍କର୍ ଏକ୍ସରେ ଆବିଷ୍କାର୍ କରିଥିଲେ ।

ତୀର୍ଥଯାତ୍ରା ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ସମ୍ବଲ୍‌ପୁର୍‌ନୁ ରାମେଶ୍ୱରମ୍ ମଦୁରାଇକେ ଆଏବା ମାସ ୧୨ ତାରିଖ୍‌ନୁ ପଶ୍ଚିମ ଓଡ଼ିଶାର୍ ବରିଷ୍ଠ ତୀର୍ଥଯାତ୍ରୀ ମାନେ ଯାତ୍ରା କର୍‌ବେ । ଇଥିର୍‌ଲାଗି ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ୍ ଭୋଇଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଯାଇଛେ । ପଶ୍ଚିମ ଓଡ଼ିଶାର୍ ମୋଟ୍ ୭ ଶହ ୭୫ ଝନ୍ ଯାତ୍ରୀ ଇ ଅବ୍‌ସରେ ଯାତ୍ରା କରୁଥିବାର୍ ବେଲେ ସମ୍ବଲ୍‌ପୁର୍ ଜିଲ୍ଲାନୁ ଖାଲି ୮୯ ଝନ୍ ଯାତ୍ରୀ ରହିଛନ୍ ।

ସୁବର୍ଣପୁର୍- ବୁଣାକାର୍ ସଚେତନତା ଶିବିର ସୁବର୍ଣ୍ଣପୁର୍

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପରମେଶ୍ୱରୀ ବୁଣାକାର୍ ତନ୍ତୁବାୟ ସହଯୋଗ୍ ସମିତି ତରଫୁ ବୁଣାକାର୍ ସଚେତନତା ଶିବିର୍ ହେଇଯାଇଛେ । ଶିବିର୍‌ଥି ଦେଢ଼୍‌ଶହ ନୁ ଅଏତ୍‌କା ବୁଣାକାର୍ ଯୋଗ୍ ଦେଇଥିଲେ । ରାଜ୍ୟ ସର୍କାର୍‌ଙ୍କର୍ ବୟନ ଶିଳ୍ପ, ହସ୍ତତନ୍ତ ଆଉ ହସ୍ତଶିଳ୍ପ ବିଭାଗ୍ ତରଫୁ କରାଯାଉଥିବା ଭିନ୍ ଭିନ୍ ଯୋଜ୍‌ନା ଜରିଏ ବୁଣାକାର୍ ମାନ୍‌କୁ ସ୍ୱାବଲମ୍ବୀ କର୍‌ବାର୍ ବାବ୍‌ଦେ ଇ ଅବ୍‌ସରେ ସଚେତନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ - ସୁରଭି ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ୍ ଗଲାକାଏଲ୍ ଜିଲ୍ଲା ସଦର୍ ମହକୁମା ସର୍କାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସର୍ ନ ହେଇଯାଇଛେ । ଜିଲ୍ଲାପାଳ୍ ନୃପରାଜ୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଭିନ୍ ଭିନ୍ ବିଭାଗ୍‌ଥି ହେଇଥିବା ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀମାନ୍‌କୁ ଇ ଅବ୍‌ସରେ ପୁରସ୍କୃତ୍ କରାଯାଇଛେ ।

ଆଦର୍ଶ ସଂସଦ୍ କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ ହଲ୍ ନ ଆଦର୍ଶ ସଂସଦ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାଶିକ୍ଷା ଅଧିକାରୀ ଟେମ୍ଲାଲ୍ ଦୁବେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଛାୟା ସଂସଦ୍ର ଆୟୋଜନ୍ କରାଯିବାର୍ ସହେତେ ସାଂସଦ୍ ଆର୍ ବାଚସ୍ପତିଙ୍କର୍ ସହେତେ ସଂସଦ୍ର ଭିନ୍ ଭିନ୍ କାମ୍ କାଜ୍ ବାବ୍ଦେ ଛାତ୍ରଛାତ୍ରୀମାନ୍କୁ ସୂଚ୍ନା ଦିଆଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର-ପଶ୍ଚିମ ଦିଗୁ ଆସୁଥିବା ସୁଖା ଆଉ ଥଣ୍ଡା ପବନ୍ର ପ୍ରଭାବ୍ଥି ଗଲା ତିନ୍ଦିନ୍ ହେଲା ରାଜ୍ୟର୍ ତାପମାତ୍ରା କମ୍ ହେବାର୍ ସହେତେ ଶୀତ୍ ବଢ଼ିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ସବୁ ଜାଗା ନ ପାଗ୍ ଶୁଖା ରହେବା । ୩/୪ ଦିନ୍ ଉତ୍ରୁ ଆହୁରି ୩ ନୁ ୪ ଡିଗ୍ରୀତକ୍ ତାପମାତ୍ରା କମ୍ବା ଆର୍ ଶୀତ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।